## ସଂକ୍ଷେପରେ

### ବେଆଇନ ରେଳ ଟିକେଟ ବିକ୍ରି ଅଭିଯୋଗରେ ଜଣେ ଗିରଫ

**ବ୍ରହ୍ମପୁର ଅଫିସ,୧୬।୧୨:** ବେଆଇନ ରେଳ ଟିକେଟ ପ୍ରସ୍ତୁତ କରି ବିକ୍ରି କରୁଥିବା ଅଭିଯୋଗରେ ରେଳବାଇ ସୁରକ୍ଷା ବଳ (ଆରପିଏଫ) ଜଣେ ଲୋକଙ୍କୁ ସୋମବାର ଗିରଫ କରିଛି। ଅଭିଯୁକ୍ତ ଜଣକ ଆସିକା ନଳବଣ୍ଟାର ନାରାୟଣ ପ୍ରଧାନ ବୋଲି ପୋଲିସ କହିଛି। ସୋମବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଆରପିଏଫ ଥାନାଧିକାରୀ ଦିଲୀପ କୁମାର ସୂଚନା ଦେଇଛନ୍ତି। ପ୍ରକାଶ ଯେ, ରେଳବିଭାଗ ଅନୁମତି ବିନା ବେଆଇନ ଭାବେ ଅନ୍‌ଲାଇନ ରେଳ ଟିକେଟ ନଳବଣ୍ଟାର ଜନସେବା କେନ୍ଦ୍ରରେ ବିକ୍ରି କରାଯାଉଥିବା ଆରପିଏଫ ଖବର ପାଇଥିଲା। ଆରପିଏଫ ଏସ୍‌ଆଇ ଚନ୍ଦନ କୁମାର ତିୱାରୀ ଓ ତାଙ୍କ ଷ୍ଟାଫ ସେଠାରେ ପହଞ୍ଚି ଟିକେଟ କାଉଣ୍ଟରରେ ଚଢାଉ କରିଥିଲେ। ଘଟଣାସ୍ଥଳରୁ ୩ ଗୋଟି ନୂତନ ଭାବେ ପ୍ରସ୍ତୁତ ହୋଇଥିବା ଟ୍ରେନ ଟିକେଟ ଓ ପୂର୍ବରୁ ବିକ୍ରି କରିଥିବା ୬୧ ଟିକେଟ ଜବତ ହୋଇଛି। ମୋଟ ୬୪ ଟିକେଟ ଜବତ ହୋଇଥିବା ବେଳେ ଏହାର ମୂଲ୍ୟ ୬୪,୬୮୭ ଟଙ୍କା ବୋଲି ଆରପିଏଫ ଥାନାଧିକାରୀ ଦିଲୀପ କୁମାର କହିଛନ୍ତି।

### ଜାନୁୟାରୀ ୩ ରୁ ୫ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ଚାମ୍ପିୟନଶିପ

**ବ୍ରହ୍ମପୁର ଅଫିସ,୧୬।୧୨:** ବ୍ରହ୍ମପୁର ଟାଏକୋଣ୍ଡୋ ଆସୋସିଏଶନ ପକ୍ଷରୁ ଜାନୁୟାରୀ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପି ଦ୍ୱିତୀୟ ରାଜ୍ୟସ୍ତରୀୟ ଓପନ ଟାଏକୋଣ୍ଡୋ ଚାମ୍ପିୟନଶିପ(ଟିଏବି ଫେଷ୍ଟ) ଅନୁଷ୍ଠିତ ହେବ। ହିଲପାଟଣାସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଆୟୋଜିତ ଚାମ୍ପିୟନଶିପ୍‌ରେ ପ୍ରାୟ ୨୦ ଜିଲାର ୪୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗନେବାକୁ ଥିବା ନେଇ ରବିବାର ରାତିରେ ଟାଟାବେଞ୍ଚସ୍ଥିତ ଅନୁଷ୍ଠାନ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ ପ୍ରଥମ ଥର ପାଇଁ ଅଲିମ୍ପିକ୍ସ ଭଳି ଡିଜିଟାଲ ତଥା ଇ-ସ୍କୋର ବୋର୍ଡ ବ୍ୟବହୃତ ହେବାକୁ ଥିବା ଆସୋସିଏଶନ ସମ୍ପାଦକ ତଥା ମୁଖ୍ୟ କୋଚ ସତ୍ୟନାରାୟଣ ତ୍ରିପାଠୀ ସୂଚାଇଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ଆସିଥିବା ପ୍ରତିଯୋଗୀଙ୍କ ପାଇଁ ତିନିଦିନ ଧରି ରହିବା ଓ ଖାଇବା ବ୍ୟବସ୍ଥା ଅନୁଷ୍ଠାନ ପକ୍ଷରୁ କରାଯାଇଥିବା ସମ୍ପାଦକ ସୂଚାଇଥିଲେ। ଏଥିସହ ଏହି ପ୍ରତିଯୋଗୀତାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, କ୍ରୀଡା ମନ୍ତ୍ରୀ ତୁଷାର କାନ୍ତି ବେହେରା ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ସମ୍ମିଳନୀରେ ସୂଚାଯାଇଥିଲା। ଖବରଦାତା ସମ୍ମିଳନୀରେ ସମ୍ପାଦକଙ୍କ ସମେତ ଟିଏବି ଫେଷ୍ଟ ପରଚାଳନା ନିର୍ଦ୍ଦେଶକ କାର୍ତ୍ତିକ ଚନ୍ଦ୍ର ମହାପାତ୍ର, ଆସୋସିଏଶନ ସଭାପତି ଜିତେନ୍ଦ୍ର କୁମାର ମୁନୀ, ସହସମ୍ପାଦକ ଲିଙ୍ଗରାଜ ସାହୁ, ଉପସଭାପତି ତାପସ କୁମାର ଜେନା ପ୍ରମୁଖ ମଞ୍ଚାସୀନ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

■ ସ୍ୱତନ୍ତ୍ର ଯକ୍ଷ୍ମା ଚିହ୍ନଟ ଅଭିଯାନର ଶୁଭାରମ୍ଭ

# ଯକ୍ଷ୍ମାମୁକ୍ତ ଜିଲା କରିବାକୁ ଲକ୍ଷ୍ୟ

**ବ୍ରହ୍ମପୁର ଅଫିସ,୧୬।୧୨**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

■ ୫ ବସ୍ତି, ୫ ଅଭ୍ୟନ୍ତର ଅଞ୍ଚଳରେ ହେବ ସ୍ୱତନ୍ତ୍ର ଡ୍ରାଇଭ

■ ସର୍ଭେ ମାଧ୍ୟମରେ ଯକ୍ଷ୍ମାରୋଗୀ ଚିହ୍ନଟ

ଗଞ୍ଜାମ ଜିଲାରେ ଥିବା ଯକ୍ଷ୍ମାରୋଗୀଙ୍କୁ ଚିହ୍ନଟ କରିବାକୁ ନେଇ ଜିଲା ସ୍ୱାସ୍ଥ୍ୟ ସମିତି ଓ ଯକ୍ଷ୍ମା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଯକ୍ଷ୍ମା(ଟିବି) ଚିହ୍ନଟ ଅଭିଯାନ ସୋମବାରରୁ ଶୁଭାରମ୍ଭ ହୋଇଛି । ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନକୁ ସିଟି ହସ୍‌ପିଟାଲ ଯକ୍ଷ୍ମା ବିଭାଗ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ଏଡିପିଏଚଓ) ଡା. ମନୋଜ କୁମାର ପଣ୍ଡା, ଏମ୍‌କେସିଜି ଆରଏନ୍‌ଟିସିପି ମେଡିକାଲ ଅଫିସର ଡା. ବିପିନ ବିହାରୀ ପାଣିଗ୍ରାହୀ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ବର୍ତ୍ତମାନ ରାଜ୍ୟରେ ଆରଏନ୍‌ଟିସିପି ତଥା ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲାର ପ୍ରଦର୍ଶନ ଭଲ ରହିଛି । ୨୦୧୯ ନଭେମ୍ବର ସୁଦ୍ଧା ଜିଲାରେ ୫୨୨୬ ଟିବି ରୋଗୀଙ୍କୁ ଚିହ୍ନଟ କରାଯାଇଛି । ସେଥିରୁ ୮୭ ପ୍ରତିଶତ ସଫଳତା ହାସଲ କରିଛି। ତଥାପି ଜିଲାର ଅନେକ ଯକ୍ଷ୍ମାରୋଗୀ ଦୃଷ୍ଟି ଆଢୁଆଳରେ ରହି ଯାଉଛନ୍ତି। ଏହାକୁ ଦୃଷ୍ଟି ରଖି ବର୍ତ୍ତମାନ ସହରର ବସ୍ତି ଅଞ୍ଚଳ ସମେତ ଜିଲାରେ ରହିଥିବା ଅଭ୍ୟନ୍ତର ଅଞ୍ଚଳରେ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ଯକ୍ଷ୍ମାରୋଗୀଙ୍କୁ ଚିହ୍ନଟ କରିବା ଦିଗରେ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ସହରର ୫ ବସ୍ତି ସହ ଜିଲାର ମୋଟ ୧୦ଅଭ୍ୟନ୍ତର ଅଞ୍ଚଳରେ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ଟିବି ରୋଗୀଙ୍କ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ବ୍ରହ୍ମପୁରର ଗୋଲାପଲ୍ଲୀର ବାଉରୀ ସାହି, ଡିମିରା ବାଉରୀ ସାହି, ଉତ୍ତରାମୁଖୀ କଦଳୀବାଡ ସାହି, ମୋଚିସାହି, ଆମ୍ବପୁଆର ବାଉରୀ ସାହିକୁ ଏହି ଅଭିଯାନ ପାଇଁ ଚିହ୍ନଟ କରାଯାଇଛି । ଏହାବ୍ୟତୀତ ଜିଲା ପାତ୍ରପୁରର ସୁରଙ୍ଗୀ, ଜଗନ୍ନାଥ ପ୍ରସାଦର ପଞ୍ଚଭୂତି , ଚିକିଟିର ସୁରଳ, କୁକୁଡାଖଣ୍ଡିର ରତନପୁର, ଗୋପାଳପୁର ଅଞ୍ଚଳର ନଳିଆ ସାହିରେ ଘରକୁ ଘର ସର୍ଭେ ମାଧ୍ୟମରେ ଟିବି ରୋଗୀଙ୍କୁ ଚିହ୍ନଟ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏହି ଅଭିଯାନରେ ଜିଲାର ସମସ୍ତ ଆଶା, ଏଏନ୍‌ଏମ୍ କର୍ମୀମାନେ ଉପରୋକ୍ତ ଅଞ୍ଚଳରେ ଘରକୁ ଘର ବୁଲି ଯକ୍ଷ୍ମା ରୋଗର ଲକ୍ଷଣ ଥିବା ରୋଗୀଙ୍କୁ ଚିହ୍ନଟ କରିବା ସହ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ କଫ ପରୀକ୍ଷା କରାଇବା ନେଇ ଏଡିପିଏଚଓ ଡା. ପଣ୍ଡା ସୂଚାଇଥିଲେ । ଏଥିସହ ବର୍ତ୍ତମାନ ସମସ୍ତ ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ର(ୟୁପିଏଚସି)ରେ ଟିବି ତଥା କଫ ପରୀକ୍ଷା ପାଇଁ ସ୍ୱତନ୍ତ୍ର କେନ୍ଦ୍ର ଖୋଲାଯାଇଛି। ତେଣୁ ସହରର ବିଭିନ୍ନ ବସ୍ତି ଅଞ୍ଚଳରେ ହେବାକୁ ଥିବା ଏହି ଅଭିଯାନରେ ଚିହ୍ନଟ ରୋଗୀଙ୍କ ୟୁପିଏଚସିରେ କଫ ପରୀକ୍ଷା କରାଇ ତୁରନ୍ତ ଚିକିତ୍ସା ବ୍ୟବସ୍ଥା ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେବାକୁ ସେ ଉପସ୍ଥିତ ଏଏନ୍‌ଏମ ଓ ଆଶା କର୍ମୀଙ୍କୁ ଚେତାଇଥିଲେ । ଏହି ଅଭିଯାନର ପ୍ରଥମ ଦୁଇଦିନରେ ଚିହ୍ନଟ କରାଯାଇଥିବା ବସ୍ତି ଓ ଅଭ୍ୟନ୍ତର ଅଞ୍ଚଳରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରାଯିବା ସହ ଆସନ୍ତା ୨୦ ତାରିଖ ମଧ୍ୟରେ ଡୋର ଟୁ ଡୋର ସର୍ଭେ ମାଧ୍ୟମରେ ଚିହ୍ନଟ କରାଯାଇଥିବା ଯକ୍ଷ୍ମାରୋଗୀଙ୍କ କଫ ପରୀକ୍ଷା ସହ ରିପୋର୍ଟ ଦାଖଲ କରିବାକୁ ଆଶା, ଏଏନ୍‌ଏମ୍ ମହିଳାଙ୍କୁ କୁହାଯାଇଥିଲା। ଉତ୍ତରାମୁଖୀ ୟୁପିଏଚସିରେ ଆୟୋଜିତ କାର୍ଯ୍ୟକ୍ରମରେ ସୁଧୀର କାନ୍ତ ବେହେରା ପିପିଏମ୍ କୋର୍ଡିନେଟର ଆରଏନ୍‌ଟିସିପି(ପରିବର୍ତ୍ତିତ ଯକ୍ଷ୍ମା ନିୟନ୍ତ୍ରଣ କାର୍ଯ୍ୟକ୍ରମ), ଆରଏନ୍‌ଟିସିପି ଜିଲା କୋର୍ଡିନେଟର ବିଦେଶୀ ଜେନା, ଉତ୍ତରାମୁଖୀ ୟୁପିଏଚସି ମେଡିକାଲ ଅଫିସର ବ୍ରଜସୁନ୍ଦର ପାଣିଗ୍ରାହୀ, ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ(ଏନୟୁଏଚଏମ୍) ପ୍ରୋଗ୍ରାମ ଆସିଷ୍ଟାଣ୍ଟ ବାଣୀ ବନ୍ଦନା ଜେନା ପ୍ରମୁଖ ମଞ୍ଚାସୀନ ଥିଲେ।

ଯୁବତୀଙ୍କୁ ବଳାତ୍କାର ମାମଲା

### ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ

**ବ୍ରହ୍ମପୁର ଅଫିସ,୧୬।୧୨**

ଗଞ୍ଜାମ ଜିଲା ସିଭିଲ ରେଜିଷ୍ଟ୍ରାର ଅମିତ ସ୍ୱରୂପ ସେଠ ସୋମବାର ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ଅଭିଯୁକ୍ତ ବନମାଳୀ ନାହାକଙ୍କୁ ୭ ବର୍ଷ ଜେଲ ଦଣ୍ଡ ରାୟ ଶୁଣାଇଛନ୍ତି। ଏହା ସହିତ ୧୨ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନଦାୟ ଅଧିକ ୧୦ ମାସ ଜେଲ ଦଣ୍ଡରେ ଦଣ୍ଡିତ କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଥିବା କୋର୍ଟ ସୂତ୍ରରୁ ପ୍ରକାଶ। ପ୍ରକାଶ ଯେ, ୨୦୦୯ ଫେବୃଆରୀ ୧ ରେ ଜଣେ ଯୁବତୀଙ୍କୁ ବନମାଳୀ ଅପହରଣ କରିନେଇ ବଳାତ୍କାର କରିଥିଲେ। ଏନେଇ ପୀଡ଼ିତା ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ.୧୦/୧୯ ରେ ଅଭିଯୁକ୍ତ ବନମାଳୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ପ୍ରଫୁଲ୍ଲ ପାଢ଼ୀ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ବନମାଳୀ ଜାମିନରେ ଛାଡ ପାଇଥିଲେ। ସୋମବାର ବନମାଳୀଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୧୫ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ସିଭିଲ ରେଜିଷ୍ଟ୍ରାର ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ଆରତୀ ପଟ୍ଟନାୟକ ଓ ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଉମାକାନ୍ତ ମହାପାତ୍ର ମକଦ୍ଦମା ପରିଚାଳନା କରିଥିଲେ।

■ ଡିଏସ୍‌ଓର ବିକ୍ଷୋଭ ସମାବେଶ

# ଛାତ୍ର ଆନ୍ଦୋଳନ ଇତିହାସରେ କଳାଦିବସ: ଡିଏସ୍‌ଓ



ଡିଏସ୍‌ଓ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ବ୍ରହ୍ମପୁର ଅଫିସ,୧୬।୧୨**

**ବିଚାର ବିଭାଗୀୟ ତଦନ୍ତ ଦାବି**

ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ)କୁ ବିରୋଧ କରି ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ଜେଏମ୍‌ଆଇ ବିଶ୍ୱବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଉପରେ ପୋଲିସର ଲାଠି ଓ ଗୁଳିଚାଳନାକୁ ତୀବ୍ର ନିନ୍ଦା କରିଛି ଅଲ ଇଣ୍ଡିଆ ଡିଏସ୍‌ଓ( ଡେମୋକ୍ରେଟିକ ଷ୍ଟୁଡେଣ୍ଟସ୍ ଅର୍ଗାନାଇଜେଶନ) । ଏହାକୁ ବିରୋଧ କରି ସୋମବାର ଡିଏସ୍‌ଓ ପକ୍ଷରୁ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଫାଟକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସରକାର ସାମ୍ପ୍ରଦାୟିକ ଭାବେ ଏହି ସିଏଏ ଆଇନକୁ ସଂଶୋଧନ କରିଥିବା ସଂଗଠନ ଅଭିଯୋଗ କରିଛି। ବିଶ୍ୱବିଦ୍ୟାଳୟ ମଧ୍ୟରେ ପଶି ଶାନ୍ତପୂର୍ଣ୍ଣଭାବେ ଆନ୍ଦୋଳନ କରୁଥିବା ଛାତ୍ରୀଛାତ୍ରଙ୍କ ଉପରେ ଲାଠିଚାଳନା ଓ ଗୁଳିଚାଳନା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ । ଛାତ୍ରୀଛାତ୍ରଙ୍କ ଉପରେ ପୋଲିସର ଏଭଳି ଅମାନବୀୟ ଆକ୍ରମଣ ଅପରାଧ ତୁଲ୍ୟ ବୋଲି ସଂଗଠନ କହିଛି। ଏହାକୁ ତୀବ୍ର ନିନ୍ଦା କରିବା ସହ ଛାତ୍ର ଆନ୍ଦୋଳନ ଇତିହାସରେ ଏହା ଏକ କଳାଦିବସ ବୋଲି ଡିଏସ୍‌ଓ କହିଛି । ଘଟଣାର ବିଚାର ବିଭାଗୀୟ ତଦନ୍ତ କରିବା ସହ ଏଥିରେ ସମ୍ପୃକ୍ତ ଅଫିସରଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡିଏସ୍‌ଓ ଦାବି କରିଛି। ଏନେଇ ଦେଶରେ ଗଣ ଛାତ୍ର ଆନ୍ଦୋଳନ ଗଢି ତୋଳିବାକୁ ଡିଏସ୍‌ଓ ଆହ୍ୱାନ ଦେଇଛି। ବିକ୍ଷୋଭ ସମାବେଶରେ ରାଜ୍ୟ ଉପସଭାପତି ସୋମନାଥ ବେହେରା, ଜିଲା ସମ୍ପାଦକ ନିମାଇଁ ଚରଣ ସାହୁ, ରଞ୍ଜନ ସେଠୀ, ତିରୁପତି ଦୋରା, କାମରାଜୁ ସାହୁ, ଶୁଭସ୍ମିତା ପାଣିଗ୍ରାହୀ, ଅଲିଭା ଦାଶ ଓ ନାରାୟଣ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

ଯୁବକଙ୍କୁ ଗାଁରୁ ବାସନ୍ଦ ମାମଲା

### ୪ ଅଭିଯୁକ୍ତଙ୍କୁ ହାଇକୋର୍ଟରୁ ଜାମିନ

**ବ୍ରହ୍ମପୁର ଅଫିସ,୧୬।୧୨**

ଜଣେ ଯୁବକଙ୍କୁ ଗାଁରୁ ବାସନ୍ଦ କରାଯାଇଥିବା ମାମଲାରେ ୪ ଅଭିଯୁକ୍ତ ହାଇକୋର୍ଟରୁ ଜାମିନ ପାଇଛନ୍ତି। ସେମାନେ ହେଲେ ନୂଆ ଖଜୁରିଆ ବେଲମା କୁଳ ଅଧିକାରୀ ଲଡୁ ବିଶ୍ୱାଳ, ସମ୍ପାଦକ ତ୍ରିନାଥ ନାହାକ, କାର୍ଯ୍ୟକାରୀ କମିଟି ସଦସ୍ୟ ପୂର୍ଣ୍ଣ ନାହାକ ଓ ରଞ୍ଜିତ ମଲ୍ଲିକ। ଅଭିଯୁକ୍ତମାନେ ସୋମବାର ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ଏସ୍‌ଡିଜେଏମ୍ ସରୋଜିନୀ ସାହୁ ସେମାନଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମର ଜୟସେନ ସାସମଲ ଅନ୍ୟ ଜାତିର ଜଣେ ଝିଅକୁ ବିବାହ କରିଥିଲେ। ଫଳରେ କୁଳ ତରଫରୁ ତାଙ୍କୁ ୩ ହଜାର ଟଙ୍କା ଜରିମାନା ଦେବାକୁ କୁହାଯାଇଥିଲା। ପରେ ଜୟସେନଙ୍କୁ କୁଳ ପକ୍ଷରୁ ବାସନ୍ଦ କରାଯାଇଥିଲା। ଫଳରେ ସେ ଗାଁ ଛାଡି ପଳାଇଥିଲେ। କିଛିଦିନ ପରେ ତାଙ୍କ ବାପାଙ୍କ ଦେହ ଖରାପ ହୋଇଥିଲା। ସେ ଗାଁକୁ ଫେରିବାରୁ କୁଳ ତାଙ୍କୁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ଧମକ ଦେଇଥିଲା। ଏଣୁ ଜୟସେନ ଶେଷରେ ୨୦୧୮ ଅଗଷ୍ଟ ୧୮ ରେ ଗୋଷାଣୀନୂଆଗାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୯୫/୧୮ରେ ଏକ ମାମଲା ରୁଜୁ କରିଥିଲା। ଅଭିଯୁକ୍ତମାନେ ଏହି ମାମଲାରେ ଜାମିନ ପାଇବା ପାଇଁ ଓକିଲ ମହେଶ କୁମାର ଜେନାଙ୍କ ଜରିଆରେ ହାଇକୋର୍ଟରେ ଆବେଦନ କରିଥିଲେ।

ଦ୍ୱିତୀୟ ଗଞ୍ଜାମ ଜିଲା ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ

# ଚଢ଼େୟା, ଚଢ଼େୟାଣୀ ନୃତ୍ୟ ମୁଖ୍ୟ ଆକର୍ଷଣ

**ବ୍ରହ୍ମପୁର ଅଫିସ,୧୬।୧୨**

ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷା କଳାକେନ୍ଦ୍ର ଓ ଅଭିନୟ ଜଗତ ପକ୍ଷରୁ ତିନିଦିନ ଧରି ଚାଲିଥିବା ଦ୍ୱିତୀୟ ଗଞ୍ଜାମ ଜିଲା ସାଂସ୍କୃତିକ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉତ୍କଳ ଆଶ୍ରମରେ ଆୟୋଜିତ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟାକୁ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓଡିଆ ବିଭାଗ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗ ଦେଇଥିଲେ। ଉଷାରାଣୀ ମହାପାତ୍ର ଓ ଡ. ମିହିର କୁମାର ତିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗଞ୍ଜାମର ପ୍ରାଚୀନ ଚଢେୟା, ଚଢେୟାଣୀ ନୃତ୍ୟ ଉଦ୍‌ଯାପନୀ ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲା। ଅନ୍ୱେଷା କଳାକେନ୍ଦ୍ର, କଳାଞ୍ଜଳୀ ନୃତ୍ୟାନୁଷ୍ଠାନ, କେଲୁଚରଣ କଳାତୀର୍ଥ, ଗଞ୍ଜାମ କିନ୍ନର ସଂଘ କଳାକାରଙ୍କ ଦ୍ୱାରା ପରିବେଶିତ ସାଂସ୍କୃତିତ ନୃତ୍ୟ ଦର୍ଶକଙ୍କୁ ବିଭୋର କରିଥିଲା । ସୁଦୀପ ସାହୁ, ନବକିଶୋର ଦାଶ, ସୁରେଶ କୁମାର, ପି. ସୁବାସ ପାତ୍ର ପ୍ରମୁଖ କଣ୍ଠଶିଳ୍ପୀ ନିଜର ସଙ୍ଗୀତରେ ଦର୍ଶକଙ୍କୁ ଝୁମାଇଥିଲେ । ଏହି ଅବସରରେ ହୃଷୀକେଶ ଦାଶଙ୍କୁ ଅନୁଷ୍ଠାନ ପକ୍ଷରୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ରବୀନ୍ଦ୍ର କୁମାର ନାହାକ, କୈଳାସ ପାଣିଗ୍ରାହୀ, ଆଶୋକ କୁମାର ବ୍ରହ୍ମା, ଅରୁଣ କୁମାର ଶତପଥୀ, ତ୍ରିପତି ନାୟକ, ପ୍ରହ୍ଲାଦ ସାହୁ, ବିଶ୍ୱନାଥ ମହାପାତ୍ର ଓ ପ୍ରତିମା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ସାକ୍ଷୀ ଦାଶ ମଞ୍ଚ ସଂଯୋଜନା କରିଥିଲେ।



ଚଢେୟା ନୃତ୍ୟ ପରିବେଷଣ କରାଯାଉଛି।

■ ୫୭ତମ ଜାତୀୟ ରୋଲର ସ୍କେଟିଂ ପ୍ରତିଯୋଗିତା

# ପ୍ରତିଯୋଗୀଙ୍କୁ ଆଥଲେଟିକ୍ ଆସୋସିଏଶନର ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ,୧୬।୧୨**

୫୭ତମ ଜାତୀୟ ରୋଲର ସ୍କେଟିଂ ପ୍ରତିଯୋଗୀତା ଚଳିତ ମାସ ୧୮ ରୁ ୨୪ ତାରିଖ ପର୍ଯ୍ୟନ୍ତ ବିଶାଖାପାଟଣାରେ ଅନୁଷ୍ଠିତ ହେବ। ରୋଲର ସ୍କେଟିଂ ଫେଡେରେଶନ ପକ୍ଷରୁ ଆୟୋଜିତ ପ୍ରତିଯୋଗୀତାର ରୋଲର ଡର୍ଜି ଇଭେଣ୍ଟରେ ଭାଗନେବାକୁ ବ୍ରହ୍ମପୁରର ଟି. କୋୟଲ ମନୋନୀତ ହୋଇଛନ୍ତି । ସେହିପରି ସ୍ପିଡ ସ୍କେଟିଂ ଇଭେଣ୍ଟ ପାଇଁ ପୁରୁଷ ବର୍ଗରେ ସିଦ୍ଧେଶ୍ୱର ଦଳ ବେହେରା ମନୋନୀତ ହୋଇଛନ୍ତି। ଏହି ଅବସରରେ ବ୍ରହ୍ମପୁର ଷ୍ଟାଡିୟମରେ ଗଞ୍ଜାମ ଜିଲା ଆଥଲେଟିକ୍ ଆସୋସିଏଶନ ପକ୍ଷରୁ ଏକ ସମ୍ବର୍ଦ୍ଧନା ଉତ୍ସବ ସୋମବାର ଆୟୋଜିତ ହୋଇଥିଲା । ଆସୋସିଏଶନ ସମ୍ପାଦକ ଆଶୋକ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଷ୍ଟାଡିୟମ୍ ଇନ୍‌ଚାର୍ଜ କାଜଲ କୁମାର ସାହୁ, ସୀତା ଜେନା, ଶିଶିର କୁମାର ପାଣିଗ୍ରାହୀ, ନରସିଂହ ପାଢୀ ଓ ଆନନ୍ଦ ବାବୁ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଉକ୍ତ ପ୍ରତିଯୋଗୀତାରେ ପୁରୁଷ ଦଳରେ ସିଦ୍ଧେଶ୍ୱର ଦଳ ବେହେରା, ମହିଳା ବର୍ଗରେ ଟି. କୋୟଲ ଓଡିଶା ପକ୍ଷରୁ ପ୍ରତିନିଧିତ୍ୱ କରିବା ନେଇ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଏକାଡେମୀ ସମ୍ପାଦକ ଟି. ଅନୀଲ ପାତ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ କୋଚ ବିଭୂତି ଜେନା ସଂଯୋଜନା କରିଥିଲେ ।


ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

## ଅବହେଳିତ ବ୍ରହ୍ମପୁର ରେଳଷ୍ଟେଶନ

# ମୌଳିକ ସୁବିଧାରୁ ବଞ୍ଚିତ ଯାତ୍ରୀ

**ବ୍ରହ୍ମପୁର ଅଫିସ,୧୬।୧୨**

ବ୍ରହ୍ମପୁର ରେଳଷ୍ଟେଶନ ଉପରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣରୁ ଆସୁଥିବା ଯାତ୍ରୀମାନେ ନିର୍ଭର କରୁଛନ୍ତି। ପ୍ରତିଦିନ ଏହି ଷ୍ଟେଶନର ଉଭୟ ପଟୁ ଶତାଧିକ ଟ୍ରେନ ଚଳପ୍ରଚଳ ହେଉଛି। ରାଜସ୍ୱ ଅଦାୟରେ ଏହି ଷ୍ଟେଶନ ଓଡ଼ିଶାରେ ଏକ ପ୍ରମୁଖ ସ୍ଥାନରେ ରହିଛି। ଏହା ସତ୍ତ୍ୱେ ମଧ୍ୟ ଅବହେଳିତ ହୋଇ ରହିଛି। ପଡ଼ୋଶୀ ବିଶାଖାପାଟଣାମ୍ ଓ ଭୁବନେଶ୍ୱର ରେଳଷ୍ଟେଶନ ଭଳି ସୁବିଧା ଓ ସୌନ୍ଦର୍ଯ୍ୟକରଣରେ ବହୁ ପଛରେ ପଡିଛି। ଏଠାରେ ୪ ପ୍ଲାଟଫର୍ମ ରହିଛି। ସେହିପରି ୪ ପାଦ ଚଲା ପୋଲ, ଗୋଟିଏ ଏସ୍କାଲେଟର ଶୌଚାଳୟ ସହିତ ଯାତ୍ରୀଙ୍କ ପାଇଁ କେତେକ ସୁବିଧା ସୁଯୋଗ ରହିଛି। ଷ୍ଟେଶନରେ ପାର୍କିଂ, ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥା, ଲିଫ୍ଟ ନ ଥିବା ବେଳେ ଜନ ଆହାରକେନ୍ଦ୍ର ଠିକ୍ ଭାବେ କାମ କରୁନାହିଁ, ଅବ୍ୟବସ୍ଥା ଘେରରେ ଶୌଚାଳୟ ରହିଛି। ଆବଶ୍ୟକ ବିଶ୍ରାମାଗାର ନାହିଁ, ଏସ୍କାଲେଟର ଠିକ୍ ଭାବେ କାମ କରୁନାହିଁ। ଏଭଳି ଅନେକ ସମସ୍ୟା ଲାଗି ରହିଛି। ୧୮୯୬ରେ ନିର୍ମିତ ହୋଇଥିବା ଏହି ପୁରାତନ ରେଳଷ୍ଟେଶନଟି ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଡିଭିଜନ ଅଧୀନରେ ରହିଛି।

ସୂଚନା ଅନୁଯାୟୀ, ଏହି ଷ୍ଟେଶନ ଦେଇ ଶତାଧିକ ରେଳ ଯାତାୟାତ କରୁଥିବା ବେଳେ ପ୍ରାୟ ୧୨ ହଜାର ଯାତ୍ରୀ ଏଠାକୁ ଆସୁଛନ୍ତି। ସାଧାରଣ ସରଂକ୍ଷଣ ଓ ପ୍ଲାଟଫର୍ମ ଟିକେଟକୁ ମିଶାଇ ପ୍ରାୟ ୧୫ ଲକ୍ଷ ଟଙ୍କା ଆଦାୟ କରାଯାଉଥିବା ଜଣାପଡିଛି। ବିଗତ ଦିନଗୁଡିକରେ ରେଳ ବିଭାଗ ତରଫରୁ ନିଆଯାଇଥିବା କେତେକ ଆଧୁନିକୀକରଣ ପଦକ୍ଷେପ ଯଥା ଷ୍ଟେଶନରେ ସିସି ଟିଭି କେମେରା, ବରିଷ୍ଠ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ଲିଫ୍ଟ ଆଦି କାମ ବାକି ରହିଛି। ୪ ନମ୍ବର ପ୍ଲାଟଫର୍ମରେ ସବୁ ପ୍ରକାର ଗାଡି ରହୁ ନ ଥିବାରୁ ସେହିବାଟ ଦେଇ ଆସୁଥିବା ଯାତ୍ରୀମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗମାନେ ଅଧିକ ଅସୁବିଧା ଭୋଗୁଛନ୍ତି। ୪ ନମ୍ବର ଷ୍ଟେଶନ ନିକଟରେ ଗତ ୩ ତାରିଖ ରାତିରେ ଜଣେ ଯୁବକଙ୍କ ଗଳା କାଟି ହତ୍ୟା କରାଯାଇଥିଲା। ପ୍ଲାଟଫର୍ମରେ ସିସି ଟିଭି କ୍ୟାମେରା ଲାଗି ନ ଥିବାରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ପୋଲିସ ଅସୁବିଧାର ସମ୍ମୁଖୀନ ହୋଇଥିଲା। ଏନେଇ ଷ୍ଟେଶନ ପ୍ରବନ୍ଧକ ଦୁର୍ଗା ପ୍ରସାଦ ବ୍ରହ୍ମା କୁହନ୍ତି, ଷ୍ଟେଶନରେ ଲାଗି ରହିଥିବା ସମସ୍ୟାଗୁଡିକର ସମାଧାନ ଦିଗରେ ଏବେ ପଦକ୍ଷେପ ନିଆଯାଉଛି। ସିସି ଟିଭି କେମେରାଗୁଡିକ ଆଗକୁ ଅଧିକ କ୍ରିୟାଶୀଳ କରାଯିବ। ପ୍ଲାଟଫର୍ମରେ ଲିଫ୍ଟ କାମ ଚାଲିଛି। ସେହିଭଳି ବାହାରେ ଯାତ୍ରୀମାନଙ୍କ ସୁବିଧା ପାଇଁ ଗୋଟିଏ ସୁଲଭ ଶୌଚାଳୟ, ପାର୍କିଂ ପାଇଁ ସେଡ୍ ବ୍ୟବସ୍ଥା, ଯାତ୍ରୀଙ୍କ ରହଣି ପାଇଁ ସେଡ୍ ଭଳି ଅନେକ ଯୋଜନା ରହିଛି ।



ବ୍ରହ୍ମପୁର ରେଳ ଷ୍ଟେଶନ।

## ସଂକ୍ଷେପରେ

### ଖଲ୍ଲିକୋଟ କଲେଜର ଲାପ୍‌ଟପ ବଣ୍ଟନ କାର୍ଯ୍ୟର ଶୁଭାରମ୍ଭ

**ବ୍ରହ୍ମପୁର ଅଫିସ,୧୬।୧୨:** ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟରେ କୃତି ଛାତ୍ରୀଛାତ୍ରଙ୍କୁ ଲପଟପ ବଣ୍ଟନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ । ଚଳିତ ବର୍ଷ ଗଞ୍ଜାମ ଜିଲାର ୧୫୨୨ ମେଧାବୀ ଛାତ୍ରୀଛାତ୍ରଙ୍କୁ ଲାପଟପ ବଣ୍ଟନ କରାଯିବାକୁ ଥିବା ବେଳେ କାର୍ଯ୍ୟକ୍ରମ ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ମହାବିଦ୍ୟାଳୟ ପକ୍ଷରୁ କୁହାଯାଇଛି । କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ପଞ୍ଚାନନ ଗୌଡ ଅଧ୍ୟକ୍ଷତା କରିଥିବା ବେଳେ ନୋଡାଲ ଅଫିସର କିଶୋର କୁମାର ବେହେରା ଧନ୍ୟବାଦ ଦେଇଥିଲେ । ମହାବିଦ୍ୟାଳୟ ଅଧାପିକା, ଅଧାପକ, କର୍ମଚାରୀ ସହଯୋଗ କରିଥିଲେ ।

### ରାତି ହେଲେ ଏଟିଏମ୍‌ରେ ତାଲା




ଏସ୍‌ବିଆଇ ବୋର୍ଡ଼ ବଦଳିଥିଲେ ବି ସମ୍ମୁଖରୁ ମଇଳା ସଫା କରାଯାଇନି।

**ଭଞ୍ଜନଗର,୧୬।୧୨(ଡି.ଏନ.ଏ):** ଭଞ୍ଜନଗର ସହରର କେତେକ ଏଟିଏମ୍‌ରେ ରାତି ୮ଟାରୁ ତାଲା ପକାଇ ଦିଆଯାଉଛି । ଏଟିଏମ୍ ସମ୍ମୁଖରୁ ସୁରକ୍ଷା ବ୍ୟବସ୍ଥା ମଧ ହଟାଇ ନିଆଯାଉଛି । କିଛି ଏଟିଏମ୍ ରାତିସାରା ଖୋଲା ରହୁଥିଲେ ମଧ ଲୋକଙ୍କ ଆବଶ୍ୟକ ଅନୁଯାୟୀ ଟଙ୍କା ରହୁନି। ଫଳରେ ରାତିରେ ମେଡ଼ିକାଲ କିମ୍ବା ଅନ୍ୟ କୌଣସି ଜରୁରୀ କାମରେ ଟଙ୍କା ଆବଶ୍ୟକତା ପଡ଼ିଲେ ଗ୍ରାହକ ବହୁତ ଅସୁବିଧା ଭୋଗୁଛନ୍ତି । ଏ ନେଇ ଧରିତ୍ରୀରେ ଗତ ଶୁକ୍ରବାର 'କ୍ୟାଶ୍‌ଲେସ୍ କାରବାର ପ୍ରତି ଆଗ୍ରହ ନାହିଁ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହାପରେ ଭଞ୍ଜନଗର କଲେଜ ରୋଡ଼ ବାଇପାସ୍ ଛକରେ ଥିବା ଏଟିଏମ୍ କାଉଟଣ୍ଟର ପୁରୁଣା ବୋର୍ଡ଼ ବଦଳାଗଲା। ହେଲେ ଅଚଳ ଅବସ୍ଥାରେ ଏକ ଏକ ମେଶିନ୍‌କୁ ସଚଳ କରାଗଲା ନାହିଁ କି ଏଟିଏମ୍ ସମ୍ମୁଖରେ ଜମି ରହୁଥିବା ମଇଳା ପାଣି ହଟାଇବା ପାଇଁ ପଦକ୍ଷେପ ନିଆଗଲା ନାହିଁ । ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ମଇଳା ପାଣି କିଭଳି ଡ୍ରେନରେ ଯିବ ବ୍ୟବସ୍ଥା କରିବାକୁ ସାଧାରଣରେ ଦାବି ହୋଇଛି ।

### ସାଙ୍କୁଡ଼ା ବିଦ୍ୟାଳୟ ଶତବାର୍ଷିକୀରେ ଯୋଗଦେବେ ରାଜ୍ୟପାଳ

**ବେଗୁନିଆପଡ଼ା,୧୬।୧୨(ଡି.ଏନ.ଏ.):** ବେଗୁନିଆପଡ଼ା ବ୍ଲକ ସାଙ୍କୁଡାସ୍ଥିତ ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶତବାର୍ଷିକୀ ସମାରୋହରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗ ଦେବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି। ଆସନ୍ତା ୧୯ ତାରିଖରେ ହେବାକୁ ଥିବା ଏହି ସମାରୋହରେ ସେ ଉପସ୍ଥିତ ରହିବେ। ଏଥିସହ ଆଇନ ମନ୍ତ୍ରୀ ପ୍ରତାପ ଜେନା, ଗୋପାଳପୁର ବିଧାୟକ ଡ. ପ୍ରଦୀପ କୁମାର ପାଣିଗ୍ରାହୀ, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମାବେଶରେ ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର, ପୂରାତନ ଛାତ୍ରୀଛାତ୍ରଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଓ ଅଞ୍ଚଳବାସୀଙ୍କ ସହଯୋଗ କରିବେ। ଏହି କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ମନ୍ତ୍ରୀ ଓ ବିଧାୟକଙ୍କ ସମେତ ପ୍ରଶାସନିକ ଅଧିକାରୀ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ପାରଳାଖେମୁଣ୍ଡି, ୧୬।୧୨(ସ୍ୱ.ପ୍ର.):** ଗଜପତି ଜିଲା ଆର୍. ଉଦୟଗିରି ସୁବୁଦ୍ଧି ସାହିରେ ଏକ ଅଭାବନୀୟ ଘଟଣା ଘଟିଛି। ସାହିର ଗୋବିନ୍ଦ ଗୌଡ଼ଙ୍କ ପୁଅ ସନ୍ତୋଷଙ୍କ ଝୁଲନ୍ତା ମୃତଦେହ ଘର ପଛପାର୍ଶ୍ୱରୁ ଉଦ୍ଧାର ହୋଇଛି। ସେ ରବିବାର ଏକ କାଠରେ ରସି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏ ନେଇ ସନ୍ତୋଷଙ୍କ ବାପା ଗୋବିନ୍ଦ ସୋମବାର ଥାନାରେ ଏତଲା ଦେଇଛନ୍ତି। ପୋଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ■ କାଳିଆ ଯୋଜନାରେ ଅନିୟମିତତା ଅଭିଯୋଗ

# ମୁଖ୍ୟମନ୍ତ୍ରୀଙ୍କ ନାଁରେ ଏତଲା ଦେଲା କୃଷକ ସଙ୍ଗଠନ

**ଛତ୍ରପୁର,୧୬।୧୨(ଡି.ଏନ.ଏ)**

କାଳିଆ ଯୋଜନାରେ ରାଜ୍ୟ ସରକାର ଲୋକଙ୍କୁ ଠକିଥିବା ନେଇ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଅଭିଯୋଗ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନାଁରେ ଠକେଇ, ବିଶ୍ୱାସଭଙ୍ଗ ଓ ବିଶ୍ୱାସଘାତକ ପାଇଁ ଆଇନଗତ ତଦନ୍ତ କରି ମାମଲା ରୁଜୁ କରିବାକୁ ଦାବି ହୋଇଛି । ଏନେଇ ସୋମବାର ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଗଞ୍ଜାମ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଡିଏସ୍‌ପି ଉତ୍କଳ କେଶରୀ ଦାସଙ୍କୁ ପ୍ରଦାନ କରାଯାଇଛି । କାଳିଆ ଯୋଜନା ରାଜ୍ୟ ସରକାର ଆରମ୍ଭ କରି ଚାଷୀ, ଭୂମିହୀନମାନଙ୍କୁ ଆର୍ଥିକ ସହାୟତା ଦେବେ ବୋଲି ଘୋଷଣା ହୋଇଥିଲା । ମାତ୍ର ଆପତ୍‌କାଳୀନ ପାଣ୍ଠିରୁ ଅର୍ଥ ଏବାବଦରେ ଖର୍ଚ୍ଚ କରାଯାଇଥିବା ଅଭିଯୋଗ ହୋଇଛି । ଏପରିକି ସମସ୍ତଙ୍କୁ ଏହି ଅର୍ଥ ମିଳିନି। ତରବରିଆ ଭାବେ ହିତାଧିକାରୀ ଚୟନ କରାଯାଇଥିବାରୁ କାଳିଆ ଯୋଜନା ଅର୍ଥ ବଡ ବ୍ୟବସାୟୀ, ଚାକିରିଆ, ପରିବାରର ଏକାଧିକ ସଦସ୍ୟଙ୍କୁ ପ୍ରଦାନ କରାଯାଇଛି । ଏଣୁ ମୁଖ୍ୟମନ୍ତ୍ରୀଙ୍କ ନାଁରେ ମାମଲା ରୁଜୁ କରିବାକୁ ସଂଗଠନ ପକ୍ଷରୁ ଅନୁରୋଧ କରାଯାଇଛି । ଏଥିରେ ରାଜ୍ୟ ସହ ସଂଯୋଜକ ଉମାକାନ୍ତ ଭାରତ, ରଙ୍ଗେଇଲୁଣ୍ଡା ସଂଯୋଜକ ସୁଦର୍ଶନ ପାତ୍ର, ଉପଦେଷ୍ଟା ରମେଶ କର, କୁମୁଦ ସାହୁ, ଇଜୁ ଆମିନ୍ ଖାନ୍, ରଙ୍କନା ପାତ୍ର, ସୁବାସ ସାହୁ ଓ ପଙ୍କଜିନୀ ନାହାକ ପ୍ରମୁଖ ସାମିଲ ଥିଲେ ।




ଏସପିଙ୍କୁ ଭେଟିବାକୁ ଆସିଛନ୍ତି ନବନିର୍ମାଣ କୃଷକ ସଂଗଠନ କର୍ମକର୍ତ୍ତା ।

## ରାତିକରେ ୫ ଦୋକାନରୁ ଚୋରି

**ଛତ୍ରପୁର,୧୬।୧୨(ଡି.ଏନ.ଏ.)**

ଚମାଖଣ୍ଡି ଥାନା ଟାଙ୍ଗଣାପଲ୍ଲୀ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ୫ ଦୋକାନରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଛି । ଏକ ଚା ଦୋକାନ, ନୂଆ ସାହିର କୃଷ୍ଣ ପ୍ରଧାନଙ୍କ ବାରି କବାଟ ଭାଙ୍ଗି ୧୦ ହଜାର ଟଙ୍କା ଚୋରି ହୋଇଛି। ସେହିପରି ବାବୁ ବେହେରାଙ୍କ ଚା ଦୋକାନରୁ ୫ ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ବେଳେ ଏକ କାଠ ଦୋକାନ ଓ ତେଜରାତି ଦୋକାନରୁ ମଧ୍ୟ ଚୋରି ହୋଇଛି । ଘଟଣାସ୍ଥଳରେ ଦୁର୍ବୃତ୍ତମାନେ ସାଙ୍ଗରେ ଆଣି ଥିବା ଶାବଳ ଛାଡି ଚାଲିଯାଇଛନ୍ତି। ଏନେଇ ସୋମବାର ଜଗନ୍ନାଥପୁର ପୋଲିସ ବିଟ୍ ହାଉସରେ ଦୋକାନୀମାନେ ଜଣାଇଛନ୍ତି । ଗତ ୫ ଦିନ ପୂର୍ବେ ମଧ୍ୟ ଟାଙ୍ଗଣାପଲ୍ଲୀ ବଡସାହିର ମହେଶ୍ୱର ନାହାକଙ୍କ ଘର ବାରିପଟ କବାଟ ଭାଙ୍ଗି ଦୁର୍ବୃତ୍ତମାନେ ଟଙ୍କା ଓ ସାମଗ୍ରୀ ଚୋରି କରିନେଇଥିଲେ । ରାତିରେ ପୋଲିସ ପାଟ୍ରୋଲିଂ କରିବାକୁ ଜନସାଧାରଣ ଦାବି କରିଛନ୍ତି ।

## ଶିଳ୍ପାଞ୍ଚଳରେ ହନୁମାନ ଚାଳିଶା

**ବ୍ରହ୍ମପୁର ଅଫିସ,୧୬।୧୨**

ବ୍ରହ୍ମପୁର ଶିଳ୍ପାଞ୍ଚଳ ରଘୁନାଥ ମନ୍ଦିର ପରିସରରେ ଧନୁ ସଂକ୍ରାନ୍ତି ତଥା ସୋମବାର ୧୦୮ତମ ହନୁମାନ ଚାଳିଶା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଆଙ୍କୁଲି ଦିବ୍ୟ ଜୀବନ ସଂଘ ଆନୁକୂଲ୍ୟରେ ପ୍ରତି ସଂକ୍ରାନ୍ତିରେ ଅନୁଷ୍ଠିତ ହେଉଥିଲା ଚାଳିଶା ପାଠ । ୧୦୮ଥର ହେବା ପରେ ଏହି କାର୍ଯ୍ୟକ୍ରମ ସମାପନ କରାଯାଇଛି। ଏଥିରେ ସନ୍ଥ ସ୍ୱାମୀ ବ୍ରହ୍ମ ସାକ୍ଷାତକାରା ନନ୍ଦଙ୍କ ସମେତ ସ୍ୱାମୀ ବ୍ରହ୍ମାନନ୍ଦ ତୀର୍ଥସ୍ୱାମୀ, ଗୋବିନ୍ଦାନନ୍ଦ ସରସ୍ୱତୀ ସ୍ୱାମୀ ଯୋଗଦେଇ ରାମଚନ୍ଦ୍ରଙ୍କ ପରମ ଭକ୍ତଙ୍କ ମାହାତ୍ମ୍ୟ ଏବଂ ସେଥିନିମନ୍ତେ ହେଉଥିବା ହନୁମାନ ଚାଳିଶା ସମ୍ପର୍କରେ ପ୍ରବଚନ ଦେଇଥିଲେ। ସ୍ୱାମୀ ଗୁରୁଶରଣା ନନ୍ଦ ସରସ୍ୱତୀ ଉପସ୍ଥିତ ଥିଲେ। ଆଙ୍କୁଲି ଦିବ୍ୟ ଜୀବନ ସଂଘ ସଭାପତି ଗୋପୀନାଥ ମହାରଣା ଏହାକୁ ସଂଯୋଜନା କରିଥିଲେ । ଶିଳ୍ପାଞ୍ଚଳ ସମେତ ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟକ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

ଦିବ୍ୟ ଜୀବନ ସଂଘ ସମ୍ପାଦକ କେ. ସୂର୍ଯ୍ୟ ନାରାୟଣ ଦାସ, ଆବାହକ ଶ୍ରୀଧର ଦାସଙ୍କ ସମେତ ହରେକୃଷ୍ଣ ମହାରଣା, ତ୍ରିଲୋଚନ ମହାନ୍ତି, ଗିରିଧର ରେଡ୍ଡୀ, ଏଲ. ସୁଦାମ ଦାସ, ବୃନ୍ଦାବନ ସାବତ, ଉମାଚରଣ ନାୟକ, ଏଲ. ଜଗନ୍ନାଥ ରେଡ୍ଡୀ, ପ୍ରଦୀପ ମଲିକ ଓ ଦଣ୍ଡପାଣି ସେଠୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କଣ୍ଠଶିଳ୍ପୀ ଭଗବାନ ଜେନା ଆଧାତ୍ମିକ ସଂଗୀତ ପରିବେଷଣ କରିଥିଲେ। ବିଏମ୍‌ସି ପୂର୍ବତନ ଡେପୁଟି ମେୟର ଜ୍ୟୋତ୍ସ୍ନା ନାୟକ, ପଦ୍ମିନୀ ଚୌଧୁରୀଙ୍କ ସମେତ ଅନେକ ଦିବ୍ୟ ଜୀବନ ପ୍ରେମୀ ଉପସ୍ଥିତ ଥିଲେ ।



ହନୁମାନ ଚାଳିଶାରେ ଉପସ୍ଥିତ ମହିଳା ଶ୍ରଦ୍ଧାଳୁ ।

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ବକ୍ସିଂ ପ୍ରତିଯୋଗିତା

# ଭାଗନେବାକୁ ୩ ଖେଳାଳିଙ୍କ ମିରୁଟ ଗସ୍ତ

**ବ୍ରହ୍ମପୁର ଅଫିସ,୧୬।୧୨**

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ବକ୍ସିଂ ପ୍ରତିଯୋଗୀତା ଉତ୍ତରପ୍ରଦେଶର ମିରୁଟସ୍ଥିତ ଚୌଧୁରୀ ଚରଣ ସିଂ ବିଶ୍ୱବିଦ୍ୟାଳୟ (ସିସିଏସୟୁ)ରେ ଅନୁଷ୍ଠିତ ହେବ । ଡିସେମ୍ବର ୨୦ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ପ୍ରତିଯୋଗୀତାରେ ଭାଗନେବାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୩ ଜଣିଆ ଦଳ ମଙ୍ଗଳବାର ଉତ୍ତରପ୍ରଦେଶ ଗସ୍ତ କରିବେ । ସେମାନେ ହେଲେ ଖେମୁଣ୍ଡି କଲେଜ ଦିଗପହଣ୍ଡିର ଭାରତୀ ସାହୁ, ବ୍ରହ୍ମପୁର ମହାମାୟୀ ମହିଳା ମହାବିଦ୍ୟାଳୟର ଅଲିଭା ମହାନ୍ତି, ବ୍ରହ୍ମପୁର ସିଟି କଲେଜର ସୁପ୍ରଭା ମହାନ୍ତି। ତେବେ ଦଳ ସହ କୁନ୍ଦ୍ରା ବିଜୁ ପଟ୍ଟନାୟକ କଲେଜର ପିଇଟି ସୁଧାଂଶୁ କୁମାର ପଣ୍ଡା ମ୍ୟାନେଜର ଭାବେ ଗସ୍ତ କରିଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ସମ୍ପାଦିକା ପ୍ରଫେସର ପୁଷ୍ପାଞ୍ଜଳୀ ସାମନ୍ତରାୟ, କବିରାଜ ଗୌଡ, ଦୁଷ୍ମନ୍ତ କୁମାର ପାଢୀ, ମନୋରମା ମହାରଣା, ରବି ଚରଣ ମିଶ୍ର ଓ ରାଜେଶ ମହାନ୍ତି ପ୍ରମୁଖ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।



ଖେଳାଳିଙ୍କ ସହ କ୍ରୀଡା ପରିଷଦର କର୍ମକର୍ତ୍ତା ।

## ଆସିକା ବ୍ଲକରେ ଧାନମଣ୍ଡି ଶୁଭାରମ୍ଭ

**ଆସିକା,୧୬।୧୨(ଡି.ଏନ୍.ଏ.)**

ଆସିକା ବ୍ଲକର ୨୭ ପଞ୍ଚାୟତରେ ସୋମବାର ଚାଷୀଙ୍କ ଧାନ ସଂଗ୍ରହ ନିମନ୍ତେ ମଣ୍ଡି ଖୋଲାଯାଇଛି। ଗୁଣ୍ଠପଡାସ୍ଥିତ ସେବା ସମବାୟ ସମିତିରେ ଖୋଲାଯାଇଥିବା ଧାନ ମଣ୍ଡିକୁ ସରପଞ୍ଚ ମୋଟିଆଣି ବେହେରା ଉଦ୍‌ଘାଟନ କରିଥିଲେ । ବ୍ଲକ ଯୋଗାଣ ନିରୀକ୍ଷକ ଜୟରାମ ଲେଙ୍କା, ସମବାୟ ବିଭାଗ ଏସ୍ଏଆର୍ ଗୋପାଳ କୃଷ୍ଣ ଦାସ, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ଦଳେଇ, ଯୁବନେତା ସନ୍ତୋଷ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସଚଳା ପାତ୍ରଙ୍କଠାରୁ ୩୫ କୁଇଣ୍ଟାଲ ଧାନ କିଣାଯାଇଥିଲା। ବ୍ଲକର ୨୭ ପଞ୍ଚାୟତରେ ୨୯ ଧାନ ମଣ୍ଡି ଖୋଲାଯାଇଛି । ସେଥିମଧ୍ୟରୁ ୧୯ ବିଭିନ୍ନ ସେବା ସମବାୟ ସମିତି ମାଧ୍ୟମରେ ଖୋଲା ଯାଇଥିଲା ବେଳେ ୧୦ ମଣ୍ଡି ଦାୟିତ୍ୱ ପ୍ରଥମ ଥର ପାଇଁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ଦିଆଯାଇଥିବା ଯୋଗାଣ ନିରୀକ୍ଷକ ଲେଙ୍କା ସୂଚନା ଦେଇଛନ୍ତି।

## ରାଜନୀତି ବିଜ୍ଞାନ ବିଭାଗ ପାଠଚକ୍ର

**ଆସିକା,୧୬।୧୨(ଡି.ଏନ୍.ଏ.)**

ଆସିକା ବିଜ୍ଞାନ କଲେଜରେ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ସୋମବାର 'ମାନବିକ ଅଧିକାର : ପ୍ରସଙ୍ଗ ଓ ଆହ୍ୱାନ' ଶୀର୍ଷକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଡ. ତାରାପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପାଠଚକ୍ରରେ ମାଧ୍ୟମିକ ଶିକ୍ଷା ପରିଷଦ ବ୍ରହ୍ମପୁର ଆଞ୍ଚଳିକ କାର୍ଯ୍ୟାଳୟର ଉପସଚିବ ଡ. କୁଳମଣି ଓଝା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନୀ ଭିତ୍ତି ପ୍ରବନ୍ଧ ଉପସ୍ଥାପକ ଭାବେ ଯୋଗଦେଇ ବିଷୟ ଭିତ୍ତିକ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ଅଭୟ କେଶରୀ ପରିଛା ପଟ୍ଟନାୟକ, ପୂର୍ବତନ ବିଭାଗୀୟ ମୁଖ୍ୟ ଡ. ପ୍ରଫୁଲ୍ଲ କୁମାର ନାହାକ, ଇତିହାସ ବିଭାଗ ମୁଖ୍ୟ ଡ. ପ୍ରଦୀପ କୁମାର ପାଢୀ ପ୍ରମୁଖ ଯୋଗଦେଇ ବିଷୟ ଉପରେ ଆଲୋଚନା କରିଥିଲେ । ପାଠଚକ୍ର ସମ୍ପାଦିକା ରଜନୀ ରେଡ୍ଡୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଞ୍ଜନଗରରେ ଅଭିଯୋଗ ଶୁଣିଲେ ଏଡିଏମ୍

**ଭଞ୍ଜନଗର,୧୬।୧୨(ଡି.ଏନ.ଏ)**

**ଅଧିକାଂଶ ବିଭାଗ ଅଧିକାରୀ ଅନୁପସ୍ଥିତ**

ଭଞ୍ଜନଗର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଥିଲା। ଜିଲାପାଳ କୌଣସି କାରଣରୁ ଏଠାକୁ ଆସି ନ ପାରିବାରୁ ଏଡିଏମ୍ କବୀନ୍ଦ୍ର ସାହୁ ଲୋକଙ୍କ ଆପତ୍ତି ଅଭିଯୋଗ ଶୁଣିଥିଲେ। ଅନ୍ୟପକ୍ଷରେ ଅଧିକାଂଶ ବିଭାଗର ଅଧିକାରୀମାନେ ଅନୁପସ୍ଥିତ ଥିବା ଦେଖାଯାଇଥିଲା। ଅଭିଯୋଗ ଶୁଣାଣିକୁ ଆସିଥିବା ଆଉ କେତେଜଣ ଅଧିକାରୀ କିଛି କାର୍ଯ୍ୟବ୍ୟସ୍ତତା ଦର୍ଶାଇ ଉଠି ଯାଉଥିବା ଦେଖାଯାଇଥିଲା। ଏଡିଏମ୍‌ଙ୍କ ନିକଟରେ ମୁଖ୍ୟତଃ ରାଶନ କାର୍ଡ଼, ଭତ୍ତା, କାଳିଆ ଯୋଜନା ଟଙ୍କା, ବିଦ୍ୟୁତ ସମ୍ପର୍କିତ ଅଭିଯୋଗ ଆସିଥିଲା । ଜଗନ୍ନାଥପ୍ରସାଦ ବ୍ଲକ ବାଙ୍କତରା ଅଙ୍ଗନୱାଡ଼ି କେନ୍ଦ୍ରର ହେଲ୍‌ପର (ରୋଷେୟା) ଚୟନରେ ଅନିୟମିତତା ହୋଇଥିବା ଗ୍ରାମର ମହିଳାମାନେ ଅଭିଯୋଗ କରିଥିଲେ। କାଳିଆ ଯୋଜନାର ଦ୍ୱିତୀୟ କିସ୍ତି ଟଙ୍କା ଏବେ ବି ଅନେକ ଯୋଗ୍ୟ ହିତାଧିକାରୀଙ୍କ ଆକାଉଣ୍ଟକୁ ଆସି ନ ଥିବା କେତେଜଣ ଅଭିଯୋଗ କରିଥିଲେ। ଲୋକେ ଅନ୍‌ଲାଇନରେ ନିଜ ସମସ୍ୟା ସମ୍ପର୍କରେ ଅଭିଯୋଗ କରିପାରିବେ ବୋଲି କୃଷି ବିଭାଗର ଜଣେ ଅଧିକାରୀ ସୂଚନା ଦେଇଥିଲେ। ୨୦୧୫ରେ ବଡ଼ ଧୋବାସାହିର ସୁରେଶ ଚନ୍ଦ୍ର ବେହେରା ଇଣ୍ଟରକାଷ୍ଟ ବିବାହ କରିଥିଲେ । ତେବେ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ୧ଲକ୍ଷ ଟଙ୍କା ପ୍ରୋତ୍ସାହନ ତାଙ୍କୁ ମିଳିନି। ସେ ବହୁବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଅଭିଯୋଗ କରିଥିଲେ ମଧ ସୁଫଳ ମିଳି ନ ଥିବା ଏଡ଼ିଏମ୍‌ଙ୍କ ନିକଟରେ ଅଭିଯୋଗ କରିଥିଲେ। ଭଞ୍ଜନଗର ଉପେନ୍ଦ୍ର ଭଞ୍ଜ ହାଇସ୍କୁଲରେ ଜାଲ୍ ପ୍ରମାଣପତ୍ର ଦେଇ ଜଣେ ଶିକ୍ଷକ ଚାକିରି କରୁଛନ୍ତି । ଏ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ବିଦ୍ୟାଳୟ ପରିଚାଳନା କମିଟି ପୂର୍ବତନ ସଭାପତି ବିଜୟ ବେହେରା ଅଭିଯୋଗ କରିଥିଲେ । ପ୍ରଶାସନ ଯଦି ଅଭିଯୋଗକୁ ଗୁରୁତ୍ୱ ଦେଉନି, ତେବେ ଥାନାକୁ ଯାଇ ଅଭିଯୋଗ କରିବାକୁ ବିଜୟଙ୍କୁ ଏଡିଏମ୍ ପରାମର୍ଶ ଦେଇଥିଲେ। ଅଭିଯୋଗ ଶୁଣାଣିରେ ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ, ବିଡ଼ିଓ ଅନିଲ କୁମାର ସେଠୀ, କୃଷି, ଜଳସମ୍ପଦ, ପୂର୍ତ୍ତ, ସ୍ୱାସ୍ଥ୍ୟ, ଶ୍ରମ, ଅବକାରୀ, ଶିକ୍ଷା ପ୍ରମୁଖ ବିଭାଗର ଅଧିକାରୀମାନେ ଅଭିଯୋଗ ଶୁଣାଣିରେ ଉପସ୍ଥିତ ଥିଲେ ।



ଏଡିଏମ୍ ଅଭିଯୋଗ ଶୁଣୁଛନ୍ତି।

## ଶ୍ରମିକଙ୍କୁ ମୃତ୍ୟୁକାଳୀନ ଆର୍ଥିକ ସହାୟତା ପ୍ରଦାନ

**କୁକୁଡ଼ାଖଣ୍ଡି,୧୬।୧୨(ଡି.ଏନ.ଏ.)**

ଜିଲାର ବିଭିନ୍ନ ହିତାଧିକାରୀଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ପକ୍ଷରୁ ମୃତ୍ୟୁକାଳୀନ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଶ୍ରମିକଙ୍କ ମୃତ୍ୟୁପରେ ତାଙ୍କ ପରିବାରର ଭରଣପୋଷଣ ଓ ଅନ୍ତ୍ୟେଷ୍ଟିକ୍ରିୟା ପାଇଁ ୧୨୩ ପରିବାରଙ୍କ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ୧ କୋଟି ୪୯ ଲକ୍ଷ ୧୫ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଥିବା ଜିଲା ଶ୍ରମ ଅଧିକାରୀ ବାବୁ ଚରଣ ପାତ୍ର କହିଛନ୍ତି। ସେହିପରି ନିର୍ମାଣ ଶ୍ରମିକ ପରିବାରଙ୍କୁ ଝିଅ ବାହାଘର ପାଇଁ ୨୦୭ ଜଣଙ୍କୁ ୫୨ ଲକ୍ଷ ୨୫ ହଜାର, କାର୍ଯ୍ୟରତ ଶ୍ରମିକଙ୍କ ଝିଅ ପୁଅ ମାନଙ୍କୁ ଶିକ୍ଷାଗତ ଉନ୍ନତି ସକାଶେ ୫୩୪ ଜଣଙ୍କୁ ୨୧ ଲକ୍ଷ ୫୭ ହଜାର ଟଙ୍କା ପ୍ରଦାନ କରାଯାଇଛି। ମୋଟ ୨ କୋଟି ୨୨ ଲକ୍ଷ ୯୭ ହଜାର ଟଙ୍କା ଦିଆଯାଇଛି। ବାଇଗଣବାଡ଼ିର ଶଙ୍କର୍ଷଣ ଡାକୁଆ ଜୁନ ୧ ତାରିଖରେ ମୃତ୍ୟୁବରଣ କରିଥିଲେ। ସୋମବାର ତାଙ୍କ ସ୍ତ୍ରୀ କୁନିଙ୍କୁ ଜିଲା ଶ୍ରମ ଅଧିକାରୀ ପାତ୍ର ଆକାଉଣ୍ଟ ମାଧ୍ୟମରେ ୨ ଲକ୍ଷ ୫ ହଜାର ଟଙ୍କା ଶ୍ରମ କାର୍ଯ୍ୟାଳୟଠାରେ ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କୁକୁଡ଼ାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷୀ ପ୍ରସାଦ ପାତ୍ର, ବାଇଗଣବାଡ଼ିର ବରିଷ୍ଠ ସମବାୟବିତ ସୁଧୀର କୁମାର ରାଉତ, ବାଚସ୍ପତି ପ୍ରତିନିଧି ସନ୍ତୋଷ ଚୌଧୁରୀ, ବ୍ରହ୍ମପୁର ପାଇକାରୀ ସମବାୟ ଭଣ୍ଡାର ନିର୍ଦ୍ଦେଶକ ରଞ୍ଜିତ କୁମାର ପାତ୍ର ଉପସ୍ଥିତ ଥିଲେ ।

## ସମ୍ମାନିତ ହେଲେ କୁର୍ମୀ କ୍ଷତ୍ରିୟ ରାଜ୍ୟ ସଭାପତି

**ଭଞ୍ଜନଗର,୧୬।୧୨(ଡି.ଏନ.ଏ.)**

ମହାରାଷ୍ଟ୍ରର ଶିରିଡ଼ିରେ ଗତ ୧୪ ଓ ୧୫ ତାରିଖ ଦୁଇଦିନ ଧରି ସର୍ବ ଭାରତୀୟ କୁର୍ମୀ କ୍ଷତ୍ରିୟ ମହାସଭା ହୋଇଥିଲା । ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ କୁର୍ମୀ କ୍ଷତ୍ରିୟ ସଂସ୍ଥାର କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଓଡ଼ିଶାରୁ ୨୩୦ ଜଣିଆ ଏକ ପ୍ରତିନିଧିମଣ୍ଡଳୀ ମଧ ଉକ୍ତ ସମ୍ମିଳନୀରେ ଯୋଗ ଦେଇଥିଲେ। ମହାସଭାରେ ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କୁ ସମ୍ମାନିତ କରାଯାଇଥିଲା । ଏଥିସହ ଏହି ଅବସରରେ ରାଷ୍ଟ୍ରୀୟ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା ।



ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କୁ ସମ୍ମାନିତ କରାଯାଉଛି ।

# ଖଲାସିଙ୍କୁ ଦିଆଯାଉ ଶ୍ରମିକ ପରିଚୟପତ୍ର

**ବ୍ରହ୍ମପୁର ଅଫିସ,୧୬।୧୨**

ବ୍ରହ୍ମପୁର ପରିବା ବଜାର ଟ୍ରକ (ଲୋଡିଂ-ଅନ୍‌ଲୋଡିଂ) ଖଲାସି ସଂଘର ବାର୍ଷିକ ସାଧାରଣ ଅଧିବେଶନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଖଲାସିମାନଙ୍କୁ ଶ୍ରମିକ ପରିଚୟପତ୍ର ପ୍ରଦାନ ପାଇଁ ଦାବି କରାଯାଇଛି। ଏ ଦିଗରେ ଶ୍ରମ ବିଭାଗ ତ୍ୱରିତ ପଦକ୍ଷେପ ନେବାକୁ ଗୁରୁତ୍ୱ ଦିଆଯାଇଛି। ନ ଚେତ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବାକୁ ଚେତାବନୀ ଦିଆଯାଇଛି । ସଭାରେ ସଂଘ ସଭାପତି ତଥା ଆଇଏନ୍‌ଟିୟୁସି ଜିଲା ସଭାପତି ଆଇନଜୀବୀ ପୀତବାସ ପଣ୍ଡା ଅଧ୍ୟକ୍ଷତା କରିଥିଲେ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ଶୋଷଣ ନୀତିର ସମାଲୋଚନା କରିବା ସହ ପ୍ରଚଳିତ ଶ୍ରମ ଆଇନାନୁସାରେ ଅବହେଳିତ ହୋଇ ରହିଥିବା ଖଲାସିମାନଙ୍କୁ ସମସ୍ତ ସରକାରୀ ସୁବିଧା ଯୋଗାଇଦେବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଅଧିବେଶନରେ ସର୍ବସମ୍ମତିକ୍ରମେ ଗୃହୀତ ପ୍ରସ୍ତାବରେ ଖଲାସିଙ୍କୁ ବୀମାଭୁକ୍ତ କରାଯିବା, ସରକାରଙ୍କ ସ୍ୱାସ୍ଥ୍ୟ ସେବାରେ ଅନ୍ତର୍ଭୁକ୍ତ, ପରିବାର ପିଲାଙ୍କୁ ମାଗଣାରେ ପ୍ରାଥମିକତାଠାରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ଶିକ୍ଷାଦାନର ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଆଇନଜୀବୀ ବସନ୍ତ କୁମାର ପାତ୍ର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁରେଶ ବେହେରା, ବୁଲୁ ନାୟକ, କୁନା ପାତ୍ର, ସନ୍ତୋଷ ପାତ୍ର, ରବୀନ୍ଦ୍ର ଗୌଡ଼, ଶ୍ରୀରାମୁଲୁ ପାତ୍ର, ବୁଲୁ ପାତ୍ର, ମୋହନ ପାତ୍ର, ବାସୁଦେବ ନାୟକ ପ୍ରମୁଖ ଖଲାସିଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ । ସଂଘ ସଦସ୍ୟମାନେ ଉପସ୍ଥିତ ଥିଲେ ।



ସାଧାରଣ ବୈଠକରେ ସଂଘ ନେତା ଓ ଅନ୍ୟମାନେ ।

# ଛତ୍ରପୁର ବଜାର ରାସ୍ତାରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ

**ଛତ୍ରପୁର,୧୬।୧୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ସଦରମହକୁମା ଛତ୍ରପୁର ସହର ବଜାର ମୁଖ୍ୟ ରାସ୍ତାରେ ଟ୍ରାଫିକ୍ ସମସ୍ୟା ବିପର୍ଯ୍ୟସ୍ତ ହେବାରେ ଲାଗିଛି । ଫଳରେ ଦୀର୍ଘ ସମୟ ଧରି ଟ୍ରାଫିକ୍ ଜାମ୍ ରହୁଛି । ଏଥିପାଇଁ ଲୋକଙ୍କୁ ନାକେଦମ ହେବାକୁ ପଡୁଛି। ଅପରପକ୍ଷରେ ଏହାକୁ ସୁଧାରିବା ପାଇଁ ପୂର୍ବରୁ ଦିଆଯାଇଥିବା ବିଭିନ୍ନ ନିର୍ଦ୍ଦେଶ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନି। ଫଳରେ ସମସ୍ୟା ବଢ଼ିବାରେ ଲାଗିଛି । ଛତ୍ରପୁର ଉପଖଣ୍ଡସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକରେ ମଧ୍ୟ ସ୍ଥାନୀୟ ସହରରେ କିଭଳି ଟ୍ରାଫିକ୍ ସମସ୍ୟା ଦୂର ହେବ ସେ ଉପରେ ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଗୁରୁତ୍ୱାରୋପ କରିଛନ୍ତି । ଅପରପକ୍ଷରେ ତାଙ୍କ ଦ୍ୱାରା ଦିଆଯାଇଥିବା ବିଭିନ୍ନ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରାଯାଉନି। ରିକାପଲ୍ଲୀଠାରୁ ଅପର ବସ୍‌ଷ୍ଟାଣ୍ଡ ଓ ଲୋଏର ବସଷ୍ଟାଣ୍ଡ ରେ ବହୁ ଫାଷ୍ଟ ଫୁଡ୍ ଦୋକାନ ଖୋଲି ରାସ୍ତା ଉପରେ ବେପାର କରୁଛନ୍ତି । ଫଳରେ ଯାତାୟାତରେ ଅସୁବିଧା ହେଉଛି । ଏଥିସହ ବିଭିନ୍ନ ଫଳ



ଟ୍ରାଫିକ୍ ଜାମ୍ ହୋଇଛି ।

## କାର୍ଯ୍ୟକାରୀ ହେଉନି ନିର୍ଦ୍ଦେଶ

ଦୋକାନଠାରୁ ଆରମ୍ଭ କରି କେତେକ ଦୋକାନୀମାନେ ନିଜ ଦୋକାନ ସମ୍ମୁଖ ତଥା ଏନ୍‌ଏସି ପକ୍ଷରୁ ନିର୍ମାଣ ହୋଇଥିବା ପାଦ ଚଲା ଓ ପାର୍କିଂ ପାଇଁ ରାସ୍ତା ଉପରେ ଖୋଲୁଛନ୍ତି । ଫଳରେ ଲୋକେ ପାର୍କିଂ ପାଇଁ ସୁବିଧା ପାଇପାରୁନାହାନ୍ତି । ଏସବୁ ପ୍ରଶାସନ ଓ ପୋଲିସ ଦେଖୁଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ହେଉନି । ଫାଷ୍ଟଫୁଡ୍ ଦୋକାନଗୁଡ଼ିକୁ ସ୍ଥାନାନ୍ତର କରିବାକୁ ପୂର୍ବରୁ ସଡକ ସୁରକ୍ଷା କମିଟି ବୈଠକରେ ଆଲୋଚନା ହୋଇଥିଲା। ମାତ୍ର କୌଣସି ପଦକ୍ଷେପ ନିଆଯାଇନି । ନିୟମିତ ବୈଠକ ବସୁଥିଲେ ହେଁ ଏଥିରେ ହୋଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯାଉନି । ଏଥିସହ ପରିବା ମାର୍କେଟ ଥାଇ ମଧ୍ୟ ପରିବା ବେପାରୀମାନେ କୋଟିଏ ଟଙ୍କାରେ ନିର୍ମିତ ରାସ୍ତା ଉପରେ ଦୁଇପଟେ ବେପାର କରୁଛନ୍ତି। ଫଳରେ ମାଛ ଓ ପରିବା ମାର୍କେଟକୁ ଆସୁଥିବା ଲୋକେ ସେମାନଙ୍କ ଗାଡିକୁ ପାର୍କିଂ କରିବାରେ ସମସ୍ୟା ହେଉଛି। ଏଥିସହ ଉକ୍ତ ରାସ୍ତାରେ ଦୈନିକ ଟ୍ରାଫିକ୍ ଜାମ୍ ହେଉଛି। ଏହି ରାସ୍ତାରେ ସରକାରୀ ବାଳିକା ହାଇସ୍କୁଲ, କଲେଜ ରହିଛି । ଏନେଇ ଦୈନିକ ସ୍କୁଲକୁ ଯିବା ବେଳେ ଛାତ୍ରୀମାନଙ୍କୁ ଅସୁବିଧା ହେଉଛି। ଲୋଏର ବସ୍‌ଷ୍ଟାଣ୍ଡଠାରୁ ରିକାପଲୀ ପର୍ଯ୍ୟନ୍ତ ବିଭିନ୍ନ ମଲ୍, ବ୍ୟବସାୟିକ ପ୍ରତିଷ୍ଠାନ, ଲଜ୍ ଗୁଡିକ ବିନା ପାର୍କିଂର ବ୍ୟବସ୍ଥା କରି ନିର୍ମାଣ ହୋଇଛି । ଏନେଇ ଟ୍ରାଫିକ୍ ସମସ୍ୟା ଦ୍ୱିଗୁଣିତ ହେଉଛି ।

## ସଂକ୍ଷେପରେ

### ଅଟୋ ଓଲଟି ୭ ଆହତ, ଜଣେ ଗୁରୁତର

ବୁଗୁଡ଼ା,୧୬।୧୨(ଡି.ଏନ.ଏ.)-ବୁଗୁଡ଼ା ସହର ଚଢ଼ିଆପଲ୍ଲୀ ମୁଖ୍ୟରାସ୍ତାରେ ସୋମବାର ଏକ ଅଟୋ ଓଲଟି ପଡ଼ିବାରୁ ୭ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସେମାନେ ହେଲେ ବଗୁଡ଼ା ଥାନା ତାକରଡ଼ା ଗ୍ରାମର ପୂର୍ବତନ ସମିତିସଭ୍ୟ ମୁକୁନ୍ଦ ନାୟକ, ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର ପ୍ରଧାନ, ଅଳିୟ ନାୟକ, ଉଦୟନାଥ ନାୟକ, ଶଙ୍କର ନାୟକ, ନାରାୟଣ ପ୍ରଧାନ ଓ ବ୍ରଜେନ୍ଦ୍ର ପ୍ରଧାନ।

ସକାଳେ ୭ଜଣ ବ୍ୟକ୍ତି ତାକରଡ଼ାରୁ ଅଟୋରେ ପୋଲସରା ଯାଉଥିବା ବେଳେ ଚଢ଼ିଆପଲ୍ଲୀ ମୁଖ୍ୟରାସ୍ତାରେ ଅଟୋଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅଳିୟଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ମେଡିକାଲ ସ୍ଥାନାନ୍ତର କରାଯାଇଛି।

### ପୂର୍ବ ଶତ୍ରୁତାରୁ ୨ ବାଇକ୍‌ରେ ଲଗାଇଲେ ନିଆଁ
### ୨ ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୧୬।୧୨(ଡି.ଏନ.ଏ.)-ଦିଗପହଣ୍ଡି ଥାନା ନୂଆ ଅନନ୍ତେଇ ଗାଁରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଈଶ୍ୱର ସେଠୀଙ୍କ ଘର ସମ୍ମୁଖରେ ଥିବା ୨ ବାଇକ୍‌କୁ ଅଭିଯୁକ୍ତମାନେ ଜାଳିଦେଇଥିବା ସୋମବାର ଅଭିଯୋଗ ହୋଇଛି। ଈଶ୍ୱରଙ୍କ ଏତଲା କ୍ରମେ ଦିଗପହଣ୍ଡି ପୋଲିସ ନଂ. ୨୭୩/୧୯ରେ ମାମଲା ରୁଜୁ କରି ୨ ଜଣ ଅଭିଯୁକ୍ତ ଗିରଫ କରିଛି। ସେମାନେ ହେଲେ ଉକ୍ତ ଗାଁର ଅଜୟ ଦାସ ଓ ଜିତୁ ଓରଫ ଜିତେନ୍ଦ୍ର ସେଠୀ।

ରବିବାର ରାତିରେ ଈଶ୍ୱର ନିଜ ଘର ସମ୍ମୁଖରେ ୨ ବାଇକ୍ ରଖିଥିଲେ। ଅଭିଯକ୍ତମାନେ ରାତି ପ୍ରାୟ ସାଢ଼େ ୧୧ଟାରେ ଗାଡ଼ିରେ ପେଟ୍ରୋଲ ଢ଼ାଳି ନିଆଁ ଲାଗାଇ ଦେଇଥିବା ଏତଲାରେ ଦର୍ଶାଯାଇଛି। ଜିତୁଙ୍କ ନାଁରେ ବ୍ରହ୍ମପୁର ସଦର ଥାନା ଓ ଦିଗପହଣ୍ଡି ଥାନାରେ ଏକାଧିକ ସଙ୍ଗିନ ମାମଲା ଥିବା ପୋଲିସ ରେକର୍ଡରୁ ଜଣାପଡ଼ିଛି। ମଙ୍ଗଳବାର ଅଭିଯୁକ୍ତ ଦ୍ୱୟଙ୍କୁ ବ୍ରହ୍ମପୁର ସଦର କୋର୍ଟକୁ ଚାଲାଣ କରାଯିବ ବୋଲି ପୋଲିସ କହିଛି।

## ଡେଙ୍ଗାଡ଼ି ଛକରେ ଜବରଦଖଲ ଉଚ୍ଛେଦ



ଡେଙ୍ଗାଡ଼ି ଛକରୁ ପ୍ରଶାସନ ଜବରଦଖଲ ଉଚ୍ଛେଦ କରୁଛି।

**ପାଟପୁର,୧୬।୧୨**

ସାନଖେମୁଣ୍ଡି ବ୍ଲକ ଡେଙ୍ଗାଡ଼ି ଛକଠାରେ ସାନଖେମୁଣ୍ଡି ପ୍ରଶାସନ ପକ୍ଷରୁ ସୋମବାର ଅପରାହ୍ନରେ ଜବରଦଖଲ ଉଚ୍ଛେଦ କରାଯାଇଛି। ଏଥିରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ତଥା ତହସିଲଦାର ଅମିତ କୁମାର ନାୟକ, ପାଟପୁର ଥାନା ଏସ୍‌ଆଇ ଶୁଭ୍ରଜିତ ସାମନ୍ତରାୟ, ଅଗ୍ନିଶମ ବାହିନୀ ଓ ପୂର୍ତ୍ତବିଭାଗ ଅଧିକାରୀଙ୍କ ଉପସ୍ଥିତ ଥିଲେ। ଓଡ଼ିଶା ସରକାରଙ୍କ ପୂର୍ତ୍ତବିଭାଗ ପକ୍ଷରୁ ବୁରୁପଡା, କଙ୍କୋରଡା, ଜଗନ୍ନାଥପୁର ରାସ୍ତା ଉନ୍ନତିକରଣ ପାଇଁ କାର୍ଯ୍ୟ ଚାଲିଥିଲା ବେଳେ ଡେଙ୍ଗାଡି ଛକଠାରେ ଜବରଦଖଲ ଯୋଗୁ ରାସ୍ତା ସମ୍ପ୍ରସାରଣରେ ବାଧକ ହୋଇଥିଲା। ସାନଖେମୁଣ୍ଡି ତହସିଲ ଓ ବ୍ରହ୍ମପୁର ଉପଜିଲାପାଳଙ୍କ ପକ୍ଷରୁ ୧ ବର୍ଷ ଧରି ଅବରୋଧକାରୀଙ୍କୁ ବାରମ୍ବାର ନୋଟିସ ସତ୍ତ୍ୱେ ଅବରୋଧ ହଟି ନ ଥିଲା। ତେଣୁ ପ୍ରଶାସନ ପକ୍ଷରୁ ଅବରୋଧ ଉଚ୍ଛେଦ କରାଯାଇଥିଲା।

## ■ ୬ ଦିନ ରହିଲା ଗୋପାଳପୁର ମହୋତ୍ସବ
# ସୁରକ୍ଷା ବ୍ୟବସ୍ଥା ନେଇ ଜିଲାପାଳଙ୍କ ବେଳାଭୂମି ପରିଦର୍ଶନ

**ଗୋପାଳପୁର,୧୬।୧୨**

ଗୋପାଳପୁର ବେଳାଭୂମି ମହୋତ୍ସବ ଆଉ ମାତ୍ର ୬ ଦିନ ବାକି ରହିଛି। ଏ ନେଇ ଜିଲା ପ୍ରଶାସନ ଓ ବ୍ରହ୍ମପୁର ପୋଲିସ ପ୍ରଶାସନ ପକ୍ଷରୁ ପାର୍କିଂ ଓ ସୁରକ୍ଷା ବ୍ୟବସ୍ଥା ଲାଗି ବେଳାଭୂମି ପରିଦର୍ଶନ କରାଯାଇଛି। ସୋମବାର ମଧ୍ୟାହ୍ନରେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ, ବ୍ରହ୍ମପୁର ସଦ୍‌ର ଏସଡିପିଓ ଜୟନ୍ତ ମହାପାତ୍ର, ଗୋପାଳପୁର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଉମା ଶଙ୍କର ସେଠୀ, ଗୋପାଳପୁର ଥାନାଧିକାରୀ ବିବେକାନନ୍ଦ ମହନ୍ତ ଓ ଅନ୍ୟ ବିଭାଗର ଅଧିକାରୀମାନେ ବେଳାଭୂମି ବୁଲି ଦେଖିଛନ୍ତି। ସ୍ୱଚ୍ଛତା ଓ ସୁରକ୍ଷା ଉପରେ ଗୁରୁତ୍ୱ ଦେବାକୁ ଉପସ୍ଥିତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ୧୧ ସ୍ଥାନକୁ ପାର୍କିଂ ପାଇଁ ଚିହ୍ନଟ କରାଯାଇଛି। ଚଳିତ ବେଳାଭୂମି ମେହୋତ୍ସବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ହେବ। ତେଣୁ ତାଙ୍କର ହେଲିକେପ୍ଟର ପ୍ୟାଡ ଗୋପାଳପୁର ଷ୍ଟାଡିୟମ ଚିହ୍ନଟ କରାଯାଇଥିବା ବେଳେ ୨୪ ତାରିଖରେ ହେଉଥିବା ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଅପରାହ୍ନ ୩ଟାରୁ ୫ଟା ମଧ୍ୟରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଏଥିସହ ଅନ୍ୟାନ୍ୟ ବିଷୟ ଉପରେ ମଧ୍ୟ ଅଧିକାରୀମାନେ ଆଲୋଚନା କରିଥିଲେ। ଏହି ମହୋତ୍ସବରେ ଜାତୀୟ ଓ ରାଜ୍ୟସ୍ତରର କଳାକାର ମାନେ ଯୋଗ ଦେବେ।

## ଗଞ୍ଜାମ ଏସ୍‌ପିଙ୍କ ବୁଗୁଡ଼ା ଥାନା ପରିଦର୍ଶନ

**ବୁଗୁଡ଼ା,୧୬।୧୨(ଡି.ଏନ.ଏ.)**

ଗଞ୍ଜାମ ଜିଲା ଆରକ୍ଷୀ ଅଧିକ୍ଷକ (ଏସପି) ବ୍ରିଜେଶ ରାୟ ସୋମବାର ବୁଗୁଡ଼ା ଥାନା ପରିଦର୍ଶନ କରିଛନ୍ତି। ଅପରାହ୍ନରେ ଏସ୍‌ପି ପହଞ୍ଚିବା ପରେ ଥାନା ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ଏସ୍‌ପି, ଥାନାଧିକାରୀ ଚିତ୍ତରଞ୍ଜନ ବେହେରାଙ୍କ ସହ ଆଲୋଚନା କରି ଥାନାଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା, ଅପରାଧିଙ୍କୁ ଧରିବା ପାଇଁ ଜନସାଧାରଣଙ୍କ ସହ ପୋଲିସ ସମ୍ପର୍କ ରଖି ଠିକ ପାଟ୍ରୋଲିଂ କରିବାକୁ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। କରସିଙ୍ଗିଠାରେ ଫାଣ୍ଡି ପ୍ରତିଷ୍ଠା ନେଇ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ଏଥିସହ ଏସ୍‌ପି ଥାନାରେ ଥିବା ବିଭିନ୍ନ ନଥିପତ୍ର, ରେଜିଷ୍ଟରକୁ ଯାଞ୍ଚ କରିଥିଲେ। ଏହି ସମୟରେ ବାଲିପଦର ଫାଣ୍ଡି ଅଧିକାରୀ ଭଗବାନ ପୂଜାରୀ ଉପସ୍ଥିତ ଥିଲେ।

## ଡ୍ରେନ୍‌କୁ ଖସିଲା କାର୍, ବର୍ତ୍ତିଲେ ୪ ଯାତ୍ରୀ



ଦୁର୍ଘଟଣାଗ୍ରସ୍ତ କାର୍।

**ଗୋପାଳପୁର,୧୬।୧୨**

ଗୋପାଳପୁର ଏନ୍‌ଏସି ଅଞ୍ଚଳରେ ଏକ କାର ସୋମବାର ଡ୍ରେନ୍‌କୁ ଖସିଯାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବସିଥିବା ୪ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ରବିବାର ସନ୍ଧ୍ୟାରେ କେନ୍ଦ୍ରାପଡ଼ା ଅଞ୍ଚଳର ୪ ଜଣ ବ୍ୟକ୍ତି ଭୁବନେଶ୍ୱରରୁ କାର ଯୋଗେ ଗୋପାଳପୁର ବେଳାଭୂମି ବୁଲିବାକୁ ଆସିଥିଲେ। ଭୋରରେ ସମସ୍ତେ ନିଶାସକ୍ତ ହୋଇ କାରରେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ରୋହିଣୀ ଛକ ନିକଟରେ ହାଇମାକ୍ସ ଲାଇଟକୁ ଧକ୍କା ଦେଇ କାର ଡ୍ରେନ ତଳକୁ ଖସି ପଡ଼ିଥିଲା। ଫଳରେ କାରରେ ଥିବା ବେଲୁନଟି ବାହାରି ଯିବା ଫଳରେ ଯାତ୍ରୀମାନେ ବର୍ତ୍ତି ଯାଇଥିଲେ। ଦୁର୍ଘଟଣାରେ ହାଇମାକ୍ସ ଲାଇଟ ଭାଙ୍ଗିଯାଇ ପାର୍ଶ୍ୱରେ ଥିବା ଦୋକାନ ଉପରେ ପଡ଼ି ଯାଇଥିଲ। ଗୋପାଳପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିଛି।

## ମଦ ଜବତ, ଜଣେ ଗିରଫ

**ସୋରଡ଼ା,୧୬।୧୨(ଡି.ଏନ୍.ଏ.)**

ସୋରଡ଼ା ଅବକାରୀ ବିଭାଗ ପକ୍ଷରୁ ରବିବାର ସନ୍ଧ୍ୟାରେ ବ୍ଲକର ଚାକୁଣ୍ଡା, ସିଦ୍ଧପୁର, ପାତ୍ରପୁର ଅଞ୍ଚଳରେ ଚଢ଼ାଉ କରି ଚୋରା ମଦ ବିକ୍ରି ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୧୬ ଲିଟିରୁ ଉର୍ଦ୍ଧ୍ୱ ବିଦେଶୀ ମଦ ଓ ୧୮ର ଉର୍ଦ୍ଧ୍ୱ ଦେଶୀ ମଦ ସହ ଗୋଟିଏ ଫ୍ରିଜ୍ ଜବତ ହୋଇଛି। ଅନ୍ୟ ୨ ଜଣ ଅଭିଯୁକ୍ତ ଫେରାର୍ ଅଛନ୍ତି।

## ପ୍ରଲୋଭିତ କରି ଆଦିବାସୀଙ୍କ ଟଙ୍କା ହଡ଼ପ ଅଭିଯୋଗ

**ପାତ୍ରପୁର,୧୬।୧୨(ଡ଼ି.ଏନ୍.ଏ.):** ପାତ୍ରପୁର ବ୍ଲକ ଜରଡ଼ା ଥାନା ଅଞ୍ଚଳର ୧୨୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାରଙ୍କଠାରୁ ଚଞ୍ଚକତା କରି ଜଣେ ବ୍ୟକ୍ତି ଲକ୍ଷାଧିକ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି । ସୁରଙ୍ଗି ଗ୍ରାମର ଜଣେ ବ୍ୟକ୍ତି ପଟ୍ଟା ପ୍ରଦାନ ସହ କ୍ଷତିପୂରଣ ଓ ଅନ୍ୟାନ୍ୟ ସବୁ କାମ କରାଇ ଦେବେ କହି ପ୍ରତି ପରିବାରରୁ ୧ ହଜାର ଟଙ୍କା ହିସାବରେ ୧ ଲକ୍ଷ ୨୮ ହଜାର ଟଙ୍କା ହଡ଼ପ କରିଥିବା ନେଇ ସୋମବାର ସନ୍ଧ୍ୟାରେ ଜରଡ଼ା ଥାନାରେ ଅଭିଯୋଗ କରାଯାଇଛି। ଜରଡ଼ା ଥାନା ଅଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ ଅଭିଯୋଗର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ